# Asian School of Business Management

**NEW PAPER:** The Samaja

**DATE:** 08.04.2018

**PAGE:** Page - 10

ସମାଜ
The Samaja

## ଏଏସ୍‌ବିଏମ୍‌ର ଏକାଦଶ ବାର୍ଷିକ ସମାବର୍ତ୍ତନ ଉତ୍ସବ



ଭୁବନେଶ୍ୱର, ୭।୪(ନି.ପ୍ର): ସ୍ଥାନୀୟ ଅଗ୍ରଣୀ ବି-ସ୍କୁଲ ଏସିଆନ୍ ସ୍କୁଲ ଅଫ ବିଜିନେସ୍ ମ୍ୟାନେଜ୍‌ମେଣ୍ଟ (ଏଏସ୍‌ବିଏମ୍‌ର) ଏକାଦଶତମ ବାର୍ଷିକ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଭାରତୀୟ ବିମାନବନ୍ଦର କର୍ତ୍ତୃପକ୍ଷ ଅଧ୍ୟକ୍ଷ ଡ଼. ଗୁରୁ ପ୍ରସାଦ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ୨୦୨୫ ସୁଦ୍ଧା ଏକ ଲକ୍ଷ ଷ୍ଟାର୍ଟଅପ୍ ୟୁନିଟ୍ ପ୍ରତିଷ୍ଠା ହୋଇ ଯୁବପୀଢ଼ୀଙ୍କ ଲାଗି ଲକ୍ଷାଧିକ ସୁଯୋଗ ସୃଷ୍ଟି ନେଇ ଆଭାସ ଦେଇଥିଲେ। ଏଏସ୍‌ବିଏମ୍‌କୁ ବିଶ୍ୱସ୍ତରର ଅନୁଷ୍ଠାନ ରୂପେ ପ୍ରତିଷ୍ଠିତ କରିବା ନେଇ ଅନୁଷ୍ଠାନର ପ୍ରତିଷ୍ଠାତା ଏବଂ ନିର୍ଦ୍ଦେଶକ ପ୍ରଫେସର ଡ଼. ବିଶ୍ୱଜିତ ପଟ୍ଟନାୟକଙ୍କ ଉଦ୍ୟମକୁ ସେ ଭୂୟସୀ ପ୍ରଶଂସା କରିଥିଲେ। ସମ୍ମାନୀୟ ଅତିଥି ଭାବେ ଆଇଏଫ୍‌ସିଆଇର ଏମ୍.ଡ଼ି. ଓ ସିଇଓ ଡ଼. ଶଙ୍କର ରାଓ ଛାତ୍ରଛାତ୍ରୀଙ୍କୁ ଶିକ୍ଷଣୀୟ ଉପଦେଶ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଏଏସ୍‌ବିଏମ୍‌ର ବୋର୍ଡ଼ ଅଫ୍ ଗଭର୍ଣ୍ଣସର ଚେୟାରମ୍ୟାନ୍ ଓ ଇନଫିନିଟି ଗ୍ରୁପର ଚେୟାରମ୍ୟାନ୍ ରବୀନ୍ଦ୍ର ଟାମେରିଆ ଉତ୍ସବରେ ପୌରହିତ୍ୟ କରିଥିଲେ। ଏଏସ୍‌ବିଏମ୍‌ର ପ୍ରତିଷ୍ଠାତା ପ୍ରଫେସର ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପିଜିଡିଏମ୍ ୨୦୧୬-୧୮ ବ୍ୟାଚର ସମସ୍ତ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀ ଡ଼ିପ୍ଲୋମା ପ୍ରମାଣପତ୍ର ଉପାଧି ପାଇଥିଲେ। ଛାତ୍ରୀ ଅଙ୍କିତା ପରିଡାଙ୍କୁ ଶ୍ରେଷ୍ଠ ଗ୍ରାଜୁଏଟ ପାଇଁ ଇନଫିନିଟି ଗୋଲଡ଼ ମେଡାଲ ଓ ବେଷ୍ଟ ଅଲରାଉଣ୍ଡର ଗୋଲଡ଼ ମେଡାଲ ପ୍ରଦାନ କାରାଯାଇଥିଲା। ଉତ୍ସବକୁ ଚେୟାରମ୍ୟାନ, ପିଜି କାଉନସିଲ୍ ପ୍ରଫେସର ଉଦୟନ ଦାସ ପରିଚାଳନା କରିଥିଲେ।